
# ଆତ୍ମାମାନଙ୍କୁ ପରୀକ୍ଷା କରି ଦେଖନ୍ତୁ

# TEST THE SPIRITS

ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ । (ଗୀତସଂହିତା 119:105) ।



# ଆତ୍ମାମାନଙ୍କୁ ପରୀକ୍ଷା କରି ଦେଖନ୍ତୁ

ହେ ପ୍ରିୟମାନେ,ପ୍ରତ୍ୟେକ ଆତ୍ମାକୁ ବିଶ୍ୱାସ କର ନାହିଁ, ବରଂ ଆତ୍ମାମାନେ ଈଶ୍ୱରଙ୍କ ଠାରୁ ଆଗତ କି ନାହିଁ,ଏହା ଜାଣିବା ନିମନ୍ତେ ସେମାନଙ୍କୁ ପରୀକ୍ଷା କରି ଦେଖ କାରଣ ଜଗତରେ ଅନେକ ଭଣ୍ଡ ଭାବବାଦୀ ବାହାରିଅଛନ୍ତି । ( 1ଯୋହନ 4:1) । ଆଦ୍ୟ କାଳରୁ ଶୟତାନ ଆପଣା ଭଣ୍ଡ ଶିକ୍ଷା ଦ୍ୱାରା ଖ୍ରୀଷ୍ଟୀୟ ସମାଜକୁ ଆକ୍ରମଣ କରି ଆସୁଅଛି । ଆଜିକାଲି ଅନେକ ଖ୍ରୀଷ୍ଟୀୟାନ ଶୟତାନର ଭ୍ରାନ୍ତଜନକ ଶିକ୍ଷା ଦ୍ୱାରା ଗ୍ରସ୍ଥ ଥିବା ଦେଖାଯାଉଅଛି ।କିନ୍ତୁ ଆମ୍ଭେମାନେ ପରମେଶ୍ୱରଙ୍କ ସତ୍ୟ ବାକ୍ୟର ଶକ୍ତି ପ୍ରାପ୍ତ ହୋଇ ତାହାଙ୍କ ପରାକ୍ରମରେ ବଳବାନ ହୋଇଅଛୁ ।ଆମ୍ଭେମାନେ ଯେପରି ଶୟତାନର ସମସ୍ତ ଚାତୁରୀ (ଭ୍ରାନ୍ତଜନକ ଶିକ୍ଷା)ବିରୁଦ୍ଧରେ ସର୍ବଦା ଦଣ୍ଡାୟମାନ ହୋଇପାରୁ ,ଏଥିନିମନ୍ତେ ଈଶ୍ୱର ଦତ୍ତ ସମସ୍ତ(ବାକ୍ୟରୂପ) ସଜ୍ଜାରେ ଆପଣ ଆପଣାକୁ ସୁସଜ୍ଜିତ କରିଅଛୁ । ଆମ୍ଭମାନଙ୍କ ମଧ୍ୟରେ ଭଣ୍ଡ ଦର୍ଶନ ପ୍ରାପ୍ତ ଲୋକମାନେ ନାହାନ୍ତି,ଆମ୍ଭେମାନେ ଭଣ୍ଡ ଭାବବାଣୀ, ଭଣ୍ଡ ଅନ୍ୟଭାଷା,ଛଳନା ତଥା ମିଥ୍ୟାରେ ପବିତ୍ର ଆତ୍ମାର ପୂର୍ଣ୍ଣତା ପୁଣି ଅଭିଶେଷ ଓ ଭଣ୍ଡ ଚମତ୍କାର ଗୁଡ଼ିକୁ ସର୍ବଦା ସତ୍ୟ ବାକ୍ୟ ଦ୍ୱାରା ଖଣ୍ଡନ କରୁ ।ଆମ୍ଭମାନଙ୍କ ସଦାପ୍ରଭୁ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଶକ୍ତିଯୁକ୍ତ, ପବିତ୍ର ଓ ସତ୍ୟ ବାକ୍ୟ ବାଇବଲ

ଉପରେ ଓ ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଆମ୍ଭମାନଙ୍କୁ ଦିଆଯାଇଥିବା ଅଧିକାରର ପ୍ରତିଜ୍ଞାଯୁକ୍ତ ସତ୍ୟ ବାକ୍ୟଗୁଡ଼ିକୁ ସଂପୂର୍ଣ୍ଣ ଭାବେ ବିଶ୍ୱାସ କରୁ । ଆମ୍ଭମାନଙ୍କର ସର୍ବଶକ୍ତିମାନ ପରମେଶ୍ୱର ଆଜି ମଧ୍ୟ ଅନେକ ଆଶ୍ଚର୍ଯ୍ୟକର୍ମ ଓ ଚମତ୍କାର କରନ୍ତି । ସମସ୍ତ ଗୌରବ,ସଂଭ୍ରମ,ମହିମା ଓ ପରାକ୍ରମ ,ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱରଙ୍କର, ଆମେନ୍ । ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ହିଁ ସେ ସମସ୍ତ ପ୍ରକାର ଆଶ୍ଚର୍ଯ୍ୟକର୍ମ ଓ ଚମତ୍କାର କରନ୍ତି ।ସୁସମାଚାର ରୂପ ଆପଣା ବାକ୍ୟ ଦ୍ୱାରା ପାପୀର ହୃଦୟରେ ବିଶ୍ୱାସର ଉତ୍ପନ୍ନ କରାନ୍ତି, ବାପ୍ତିସ୍ମରେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ପାପୀକୁ ଆଶ୍ଚର୍ଯ୍ୟଜନକ ପରିତ୍ରାଣ ପ୍ରଦାନ କରନ୍ତି ।ମଣ୍ଡଳୀର ପବିତ୍ର ପ୍ରଭୁଭୋଜରେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ପ୍ରତ୍ୟେକ ବିଶ୍ୱାସୀର ବିଶ୍ୱାସକୁ ଦୃଢ଼ କରି,ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ସମସ୍ତଙ୍କୁ ଏକତ୍ରିତ କରନ୍ତି ଓ ପରିଚାଳନା କରନ୍ତି ।ଏହି ସମସ୍ତ ପ୍ରକାର ଆଶ୍ଚର୍ଯ୍ୟ କର୍ମ ସକଳ ସେ ଆପଣା ପବିତ୍ର,ସତ୍ୟ ଓ ବଳବନ୍ତ ବାକ୍ୟ ଦ୍ୱାରା କରନ୍ତି ।ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଶିକ୍ଷା ଦେଇ କହନ୍ତି, (ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ,ତେବେ ତୁମ୍ଭେମାନେ

ପ୍ରକୃତରେ ମୋହର ଶିଷ୍ୟ,ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବା ।(ଯୋହନ8:31-32)। ଆମ୍ଭେମାନେ ସତ୍ୟ ଜାଣିଅଛୁ ଓ ଶୟତାନର ଅସତ୍ୟ ଓ ଅଧର୍ମ ରୂପ ସମସ୍ତ ଭଣ୍ଡ ଶିକ୍ଷାର ବନ୍ଧନରୁ ମୁକ୍ତ ହୋଇଅଛୁ ।ପୁଣି ଆମ୍ଭମାନଙ୍କ ମୁକ୍ତିଦାତା ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ, ପିତାଙ୍କ ନିକଟରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରି କହନ୍ତି, (ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, କାରଣ ତୁମ୍ଭର ବାକ୍ୟ ତ ସତ୍ୟ ।( ଯୋହନ 17:17) । ସଦାପ୍ରଭୁ ପରମେଶ୍ୱରଙ୍କ ବାକ୍ୟର ଆଶ୍ଚର୍ଯ୍ୟ କାର୍ଯ୍ୟସାଧକ ଶକ୍ତି ବିଷୟରେ ଆମ୍ଭେମାନେ ପଢ଼ି ପାରିବା, (କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ,ପୁଣି ଦ୍ୱିଧାର ଖଡ୍ଗଠାରୁ ତୀକ୍ଷ୍ଣତର,ଆଉ ପ୍ରାଣ ଓ ଆତ୍ମା,ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ ।( ଏବ୍ରୀ4:12) । ପ୍ରେରିତ ପାଉଲ ସୁସମାଚାର ରୂପ ଈଶ୍ୱରଙ୍କ ବାକ୍ୟର ଶକ୍ତି ବିଷୟରେ ବର୍ଣ୍ଣନା କରି କହନ୍ତି,(କାରଣ ମୁଁ ସୁସମାଚାର ବିଷୟରେ ଲଜ୍ଜାବୋଧ କରେ ନାହିଁ,ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୂଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ । (ରୋମୀୟ1:16 ) ।ଆପଣ ଏହି

ପୁସ୍ତିକା ମାଧ୍ୟମରେ ପରମେଶ୍ୱରଙ୍କର ସର୍ବଶକ୍ତିମାନ ବାକ୍ୟ ବିଷୟରେ ଅଧ୍ୟୟନ କରୁଅଛନ୍ତି,ପ୍ରଭୁ ପବିତ୍ର ଆତ୍ମା, ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ, ଈଶ୍ୱରଙ୍କବାକ୍ୟର ଶକ୍ତିରେ ଆପଣଙ୍କୁ ଶକ୍ତିଯୁକ୍ତ କରନ୍ତୁ ଓ ଆପଣଙ୍କ ବିଶ୍ୱାସକୁ ସୁଦୃଢ଼ କରନ୍ତୁ ।

## ଆତ୍ମାମାନଙ୍କୁ ପରୀକ୍ଷା କରି ଚିହ୍ନନ୍ତୁ

ପ୍ରେମର ଶିଷ୍ୟ ପ୍ରେରିତ ଯୋହନ,ଆତ୍ମାମାନେ ପରମେଶ୍ୱରଙ୍କ ଠାରୁ ଆଗତ କି ନୁହଁ ,ତାହା ପରୀକ୍ଷା କରିବା ନିମନ୍ତେ ଆମ୍ଭମାନଙ୍କୁ ଉତ୍ସାହ ପ୍ରଦାନ କରୁଅଛନ୍ତି ।ଆତ୍ମାମାନଙ୍କୁ ଆମ୍ଭେମାନେ ପରୀକ୍ଷା କରିବା କିପରି ?ପରମେଶ୍ୱରଙ୍କର  ସତ୍ୟବାକ୍ୟର ସହାୟତାରେ ହିଁ ଆମ୍ଭେମାନେ ସତ୍ୟ ଓ ଅସତ୍ୟ ଏବଂ ଭଣ୍ଡ ଅର୍ଥାତ୍ ଭ୍ରାନ୍ତିଜନକ ଆତ୍ମାମାନଙ୍କୁ ଚିହ୍ନି ପାରିବା ।ସମସ୍ତ ପ୍ରକାର ଉପଦେଶ, ସିଦ୍ଧାନ୍ତ,ଆତ୍ମିକ ଦାନ,ପ୍ରକାଶିତ ବାକ୍ୟ ଅଥବା ଭାବବାଣୀ,ପରମେଶ୍ୱରଙ୍କ ଠାରୁ ଆଗତ କି ନାହିଁ,ତାହାକଂ ପବିତ୍ର ଓ ସତ୍ୟ ବାକ୍ୟ ସାହାର୍ଯ୍ୟରେ ହିଁ ଆମ୍ଭେମାନେ ବିଚାର କରି ଥାଉ,କାରଣ ବାଇବଲରେ ଉଲ୍ଲେଖ ଅଛି:- ।(ଆଉ, ଦୁଇ ବା ତିନି ଜଣ ଭାବବାଣୀ କହନ୍ତୁ ,ପୁଣି ଅନ୍ୟମାନେ ବିଚାର କରନ୍ତୁ ।) ( 1କରିନ୍ଥୀୟ 14:29) ।(କିନ୍ତୁ

ଲୋକମାନଙ୍କ ମଧ୍ୟରେ ଯେପରି ଭଣ୍ଡ ଭାବବାଦୀମାନେ ଉତ୍ପନ୍ନ ହେଲେ, ସେହିପରି ତୁମ୍ଭମାନଙ୍କ ମଧ୍ୟରେ ଭଣ୍ଡ ଶିକ୍ଷକମାନେ ଉତ୍ପନ୍ନ ହେବେ,ସେମାନେ ବିନାଶଜନକ ଭ୍ରାନ୍ତ ମତ ଗୁପ୍ତରେ ପ୍ରଚଳନ କରି ସେମାନଙ୍କର ପ୍ରଭୁଙ୍କୁ ହିଁ ଅସ୍ୱୀକାର କରିବେ, ପୁଣି ଆପଣାମାନଙ୍କ ଆକସ୍ମିତ ସର୍ବନାଶ ଘଟାଇବେ । (2ପିତର2:1) ।ପ୍ରେମର ପ୍ରେରିତ ଶିଷ୍ୟ ଭଣ୍ଡ ଭାବବାଦୀ ଓ ଖ୍ରୀଷ୍ଟାରି ବିଷୟରେ କହନ୍ତି,(ହେ, ବତ୍ସଗଣ,ଶେଷକାଳ ଉପସ୍ଥିତ,ପୁଣି ଖ୍ରୀଷ୍ଟାରି ଆସିବ ବୋଲି ତୁମ୍ଭେମାନେ ଯେପରି ଶୁଣିଥିଲ,ଏବେ ମଧ୍ୟ ଅନେକ ଖ୍ରୀଷ୍ଟାରି ଉଠିଲେଣି,ଏହା ଦ୍ୱାରା ଆମ୍ଭେମାନେ ଜାଣୁଅଛୁ ଯେ, ଶେଷକାଳ ଉପସ୍ଥିତ । )। (1ଯୋହନ 2:18) ।

## ଭଣ୍ଡ ଭାବାଦୀମାନଙ୍କୁ ଓ ଭଣ୍ଡ ଶିକ୍ଷକମାନଙ୍କୁ ଆପଣ କିପରି ଚିହ୍ନି ପାରିବେ ?

ଆସନ୍ତୁ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଭଣ୍ଡ ଭାବବାଦୀମାନଙ୍କ ବିଷଯରେ କଅଣ କହନ୍ତି, ପବିତ୍ର ବାଇବଲରୁ ପଢ଼ିବା(ଭଣ୍ଡ ଭାବବାଦୀମାନଙ୍କଠାରୁ ସାବଧାନ ହୋଇଥାଅ,ସେମାନେ

ମେଣ୍ଢାବେଶରେ ତୁମ୍ଭମାନଙ୍କ ନିକଟକୁ ଆସନ୍ତି,କିନ୍ତୁ ଅନ୍ତରରେ ସେମାନେ ହିଂସକ ବାଘ, ସେମାନଙ୍କ ଫଳ ଦ୍ୱାରା ତୁମ୍ଭେମାନେ ସେମାନଙ୍କୁ ଚିହ୍ନିବ । (ମାଥିଉ 7:15)। ଏହି ଛୋଟ ପୁସ୍ତିକାଟି ଆମ୍ଭମାନଙ୍କର ଆପଣମାନଙ୍କ ପ୍ରତି ଖ୍ରୀଷ୍ଟଙ୍କ ପ୍ରେମର ପ୍ରମାଣ,ତାକି ଆପଣ ଏହି ପୁସ୍ତିକା ଧ୍ୟାନର ସହିତ ଅଧ୍ୟୟନ କରି ବାଇବଲ ଅନୁସାରେ ସତ୍ୟ ଓ ଅସତ୍ୟ ଆତ୍ମାମାନଙ୍କୁ ସହଜରେ ଚିହ୍ନି ପାରିବେ । ଉଲ୍ଲେଖ ଅଛି :-( ଯେପରି ଈଶ୍ୱରଙ୍କ ଦ୍ୱାରା ଆମ୍ଭମାନଙ୍କୁ ଅନୁଗ୍ରହରେ ଦତ୍ତ ବିଷୟ ଗୁଡ଼ିକୁ ଆମ୍ଭେମାନେ ଜାଣିପାରୁ ଏଥିପାଇଁ ଆମ୍ଭେମାନେ ଜଗତର ଆତ୍ମା ନ ପାଇ ଈଶ୍ୱରଙ୍କ ଆତ୍ମା ପାଇଅଛୁ ।) (1କରିନ୍ଥୀୟ2:12) ।

## ପବିତ୍ର ଆତ୍ମାଙ୍କ ଦାନ ସକଳ

ଆଜିକାଲି ଅନେକ ଲୋକମାନେ ଆତ୍ମିକ ଦାନ ବିଷୟରେ ଭୁଲ ଧାରଣାରେ ଅଛନ୍ତି,କାରଣ ସେମାନେ ଭଲଭାବେ ବାଇବଲ ଅଧ୍ୟୟନ କରନ୍ତି ନାହିଁ, ଆମ୍ଭେମାନେ ସେମାନଙ୍କୁ ଏହି ପତ୍ରିକା ମାଧ୍ୟମରେ ପବିତ୍ର ଆତ୍ମାଙ୍କ ଦାନ ଗୁଡ଼ିକ ବିଷୟରେ, ଆମ୍ଭମାନଙ୍କ ସହିତ ଅଧ୍ୟୟନ କରିବା ନିମନ୍ତେ ପ୍ରେମରେ ସେମାନଙ୍କୁ ଆହ୍ୱାନ କରୁଅଛୁ । ଅନେକ ଲୋକମାନେ

ପବିତ୍ର ଆତ୍ମାକୁଂ ତ ପାଇ ନ ଥାଆନ୍ତି,କିନ୍ତ ପବିତ୍ର ଆତ୍ମାକଂ ଦାନ ଗୁଡ଼ିକ ଅର୍ଥାତ୍ ଆରୋଗ୍ୟ କରିବାର ଶକ୍ତି ଓ ନାନାପ୍ରକାର ଶକ୍ତିର କାର୍ଯ୍ୟ ସାଧନ କରିବାର ଶକ୍ତି,ଭାବବାଣୀ କହିବାର ଶକ୍ତି ,ପରଭାଷା କହିବାର ଶକ୍ତି, ଇତ୍ୟାଦି ପାଇବା ନିମନ୍ତେ, ବହୁତ ଲାଳାୟିତ ହୁଅନ୍ତି ।ସେମାନେ ଚିହ୍ନ ଓ ଆଶ୍ଚର୍ଯ୍ୟକାର୍ଯ୍ୟସବୁ ଅନ୍ୱେଷଣ କରନ୍ତି ,ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ଏପ୍ରକାର ଲୋକମାନଙ୍କ ବିଷୟରେ କରନ୍ତି,(ସେତେବେଳେ ଶାସ୍ତ୍ରୀ ଓ ଫାରୁସୀମାନଙ୍କ ମଧ୍ୟରୁ କେତେକ ଜଣ ତାହାଙ୍କୁଂ ଉତ୍ତର ଦେଇ କହିଲେ,ହେ ଗୁରୁ,ଆମ୍ଭେମାନେ ଆପଣଙ୍କ ଠାରୁ ଗୋଟିଏ ଚିହ୍ନ ଦେଖିବାକୁ ଇଛା କରୁଅଛୁ । ସେ ସେମାଙ୍କୁଂ ଉତ୍ତର ଦେଲେ, ଦୁଷ୍ଟ ଓ ବ୍ୟଭିଚାରୀ ବଂଶ ଚିହ୍ନ ଅନ୍ୱେଷଣ କରନ୍ତି, ମାତ୍ର ଭାବବାଦୀ ଯୂନସଙ୍କ ଚିହ୍ନ ବିନା ଅନ୍ୟ କୌଣସି ଚିହ୍ନ ସେମାନଙ୍କୁଂ ଦିଆ ଯିବନାହିଁ ।(ମାଥିଉ12:38-39) । ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟ ଚିହ୍ନ ଓ ଶକ୍ତିର ଅନ୍ୱେଷଣ ନ କରି ପ୍ରଥମେ ତାହାଙ୍କର ରାଜ୍ୟ ଓ ଧାର୍ମିକତାର ଅନ୍ୱେଷଣ କରିବାକୁ ଆଦେଶ ଦେଇଛନ୍ତି (ମାଥିଉ 6:33) ଆମ୍ଭେମାନେ ଆଶ୍ଚର୍ଯ୍ୟକର୍ମ ଗୁଡ଼ିକରେ ଆମୋଦ ନ କରି ତାହାଙ୍କ ବ୍ୟବସ୍ଥାରେ ଆମୋଦ କରିବାକୁ ଓ ଦିବା ରାତ୍ର ତାହାଙ୍କ ବ୍ୟବସ୍ଥାରେ ଧ୍ୟାନ କରିବାକୁ, ଆମ୍ଭମାନଙ୍କ

ପରମେଶ୍ୱର ଆମ୍ଭମାନଙ୍କୁ ଆଜ୍ଞା ଦେଇଛନ୍ତି ।( ଗୀତସଂଗିତା 1:2) । ପବିତ୍ର ଆତ୍ମାଙ୍କ ଦାନ ଆମ୍ଭମାନଙ୍କର ଆତ୍ମାର ଆହାର ନୁହଁ, କିନ୍ତୁ ପରମେଶ୍ୱରଙ୍କ ମୁଖ ନିର୍ଗତ ପ୍ରତ୍ୟେକ ବାକ୍ୟ ଆମ୍ଭମାନଙ୍କର ଆତ୍ମିକ ଆହାର ଅଟେ । ସର୍ବ ପ୍ରଥମରେ ଆମ୍ଭମାନଙ୍କ ପାଇଁ ସଦାପ୍ରଭୁ ପିତା ପରମେଶ୍ୱରଙ୍କ ସର୍ବପ୍ରଧାନ ଅନୁଗ୍ରହ ଦାନ ଯେ ପବିତ୍ର ଆତ୍ମା, ତାହାଙ୍କୁ ପ୍ରାପ୍ତ କରିବା ଅତ୍ୟନ୍ତ ଆବଶ୍ୟକ ନୁହଁ କି ?ଆସନ୍ତୁ, ପ୍ରଭୁଙ୍କ ପବିତ୍ର ବାକ୍ୟ ବାଇବଲରୁ ପଢ଼ିବା:-( ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ,ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି,ସେ ତାହାଙ୍କ ଛାମୁରେ ମାଗିବା ଲୋକଙ୍କୁ କେତେ ଅଧିକ ରୂପେ ପବିତ୍ର ଆତ୍ମା ଦେବେ ।) ( ଲୂକ11:13) ।ପବିତ୍ର ଆତ୍ମା,ଆମ୍ଭମାନଙ୍କୁ ଆମ୍ଭମାନଙ୍କର ସମସ୍ତ ପାପରୁ ପବିତ୍ର କରିବେ, ଆମ୍ଭମାନଙ୍କୁ ପରିତ୍ରାଣ ଦେବେ (ଅନନ୍ତ ଜୀବନ ଦେବେ),ପୁଣି ପବିତ୍ର ପରମେଶ୍ୱରଙ୍କ ସନ୍ତାନର ଅଧିକାର ଦେଇ, ପବିତ୍ର ବାକ୍ୟ ଅନୁସାରେ ପବିତ୍ର ଜୀବନ ଯାପନ କରିବାରେ ଆମ୍ଭମାନଙ୍କର ପରିଚାଳନା କରବେ। (ରୋମୀୟ 8:1-!6,ଗାଲାତୀୟ5:16-25) ।ସେ ଆମ୍ଭମାନଙ୍କ ଶରୀରରେ ବାସ କରନ୍ତି, କାରଣ ଶରୀର ପବିତ୍ର ଆତ୍ମାଙ୍କର ବାସସ୍ଥାନ

ଅଟେ ।( 1କରିନ୍ଥୀୟ 3:16, 1କରିନ୍ଥିୟ 3:19) । ଯୀଶୁ କହନ୍ତି, (ଆଉ ମୁଁ ପିତାକୁଂ ଅନୁରୋଧ କରିବି,ପୁଣି ତୁମ୍ଭମାନଙ୍କଂ ସହିତ ରହିବା ନିମନ୍ତେ ସେ ଆଉ ଜଣେ ସାହାର୍ଯ୍ୟକାରୀକୁଂ ଅର୍ଥାତ୍ ସେହି ସତ୍ୟମୟ ଆତ୍ମାକୁଂ ଦେବେ । ଜଗତ ତାହାକୁଂ ଗ୍ରହଣ କରି ପାରେ ନାହିଁ, କାରଣ ଜଗତ ତାହାକୁଂ ଦେଖେ ନାହିଁ କିମ୍ବା ଜାଣେ ନାହିଁ ,କିନ୍ତୁ ତୁମ୍ଭେମାନେ ତାହାକୁଂ ଜାଣ, କାରଣ ସେ ତୁମ୍ଭମାନଙ୍କଂ ସହିତ ଥାଆନ୍ତି,ପୁଣି ସେ ତୁମ୍ଭମାନଙ୍କଂ ଅନ୍ତରରେ ରହିବେ । ( ଯୋହନ 14:16-17) । (କିନ୍ତୁ ସେହି ସାହାର୍ଯ୍ୟକାରୀ ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାକୁଂ ପିତା ମୋ ନାମରେ ପ୍ରେରଣ କରିବେ,ସେ ତୁମ୍ଭମାନଙ୍କୁଂ ସମସ୍ତ ସତ୍ୟ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁଂ ଯାହା ଯାହା କହିଅଛି ସେ ସମସ୍ତ ତୁମ୍ଭମାନଙ୍କୁଂ ସ୍ମରଣ କରାଇବେ । (ଯୋହନ 14:26 ) ପ୍ରେରିତ ପାଉଲ ପବିତ୍ର ଆତ୍ମାଙ୍କଂ ଦାନ ବିଷୟରେ କହିବା ପୂର୍ବରୁ ସର୍ବପ୍ରଥମେ ପବିତ୍ର ଆତ୍ମାକୁଂ ପ୍ରାପ୍ତ କରିବା ବିଷୟରେ କହୁଅଛନ୍ତି, (ସେଥିପାଇଁ ମୁଁ ତୁମ୍ଭମାନଙ୍କୁଂ ଜଣଉଅଛି,ଈଶ୍ୱରଙ୍କଂ ଆତ୍ମା ପ୍ରାପ୍ତ ହୋଇ କଥା କହିବା କୌଣସି ଲୋକ ଯୀଶୁ ଅଭିଶପ୍ତ ବୋଲି କୁହେ ନାହିଁ,ପୁଣି କୌଣସି ଲୋକ ପବିତ୍ର ଆତ୍ମା ପ୍ରାପ୍ତ ନ ହୋଇ ଯୀଶୁ ପ୍ରଭୁ ବୋଲି କହି ପାରେ ନାହିଁ ।(

1କରିନ୍ଥୀୟ12:3) ଏଠାରେ ପ୍ରେରିତ ପାଉଲ ପରିତ୍ରାଣ ବିଷୟରେ କହୁଅଛନ୍ତି ।କାରଣ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବାର ଅର୍ଥ ପରିତ୍ରାଣ ପାଇବା । (ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ,ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ,ତେବେ ପରିତ୍ରାଣ ପ୍ରାପ୍ତ ହେବ ।କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ । (ରୋମୀୟ 10:9-10) । ପ୍ରିୟ ପାଠକ ବଂଧୁ, ପରିତ୍ରାଣ ପବିତ୍ର ଆତ୍ମାଙ୍କର ସର୍ବଶ୍ରେଷ୍ଠ ଦାନ ଅଟେ । ପରିତ୍ରାଣକୁ ପୁନର୍ବାର ଜନ୍ମ ବା ପବିତ୍ର ଆତ୍ମାରେ ଜନ୍ମ ବୋଲି ମଧ୍ୟ କୁହାଯାଇଛି । (ଯୀଶୁ ଉତ୍ତର ଦେଲେ ମୁଁ ସତ୍ୟ ସତ୍ୟ ତୁମ୍ଭମାନଙ୍କୁ କହୁଅଛି ,ଜଳ ଓ ଆତ୍ମାରେ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରେ ନାହିଁ ।( ଯୋହନ 3:5 ) ପରିତ୍ରାଣ ବା ଅନନ୍ତ ଜୀବନ ଈଶ୍ୱରଙ୍କ ଅନୁଗ୍ରହ ଦାନ ଅଟେ । (କାରଣ ପାପର ବେତନ ମୃତ୍ୟୁ, ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।(ରୋମୀୟ 6:23) ।ପରିତ୍ରାଣର ଅର୍ଥ କଅଣ ବୋଲି ଆପଣ ଭାବୁଛନ୍ତି ? ପରିତ୍ରାଣର ଅନ୍ୟ ନାମ ପାପ

କ୍ଷମାର ଅନୁଭବ ଅଟେ । (ଯୀଶୁ ସେମାନଙ୍କୁ ପୁନର୍ବାର କହିଲେ,ତୁମ୍ଭମାନଙ୍କର ଶାନ୍ତି ହେଉ,ପିତା ଯେ ପ୍ରକାର ମୋତେ ପ୍ରେରଣ କରିଅଛନ୍ତି,ମୁଁ ମଧ୍ୟ ସେ ପ୍ରକାର ତୁମ୍ଭମାନଙ୍କୁ ପ୍ରେରଣ କରୁଅଛି,ସେ ଏହା କହି ସେମାନଙ୍କ ଉପରେ ପ୍ରଶ୍ୱାସ ଛାଡ଼ି ସେମାନଙ୍କୁ କହିଲେ,ପବିତ୍ର ଆତ୍ମାଙ୍କୁ ଗ୍ରହଣ କର,ତୁମ୍ଭେମାନେ ଯଦି କାହାର ପାପ କ୍ଷମା କରିବ ତେବେ ତାହାର ପାପ କ୍ଷମା ହେବ କିନ୍ତୁ ଯଦି କାହାର ପାପ କ୍ଷମା ନ କରିବ ,ତେବେ ତାହାର ପାପ କ୍ଷମା ହେବ ନାହିଁ । (ଯୋହନ 20:20-23) ପବିତ୍ର ଆତ୍ମାଙ୍କ ସାହାର୍ଯ୍ୟରେ ପାପକ୍ଷମା, ପରିତ୍ରାଣ ଅର୍ଥାତ୍ ଅନନ୍ତ ଜୀବନର ଅଧିକାର,ପରମେଶ୍ୱରଙ୍କ ସନ୍ତାନର ଅଧିକାର, ସ୍ୱର୍ଗରାଜ୍ୟର ଅଧିକାର,ପରମେଶ୍ୱରଙ୍କ ପବିତ୍ର ବାକ୍ୟର ସତ୍ୟ ଜ୍ଞାନ, ଏହି ମଂଗଳ ଦାନ ସକଳ ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ପବିତ୍ର ଆତ୍ମାଙ୍କ ଦାନ ଅଟେ ।ଆଉ ମଧ୍ୟ ପବିତ୍ର ଆତ୍ମାଙ୍କ ବିଭିନ୍ନ ପ୍ରକାର ଦାନ ଗୁଡ଼ିକ ଅଛି,ଆସନ୍ତୁ, ଶ୍ରେଷ୍ଠତମ ଓ ନ୍ୟୁନତମ ଦାନ ଗୁଡ଼ିକର ଅଧ୍ୟୟନ କରିବା ।(1କରିନ୍ଥୀୟ12:31)ରେ, ଶ୍ରେଷ୍ଠ ଦାନ ସମସ୍ତ ପାଇବା ନିମନ୍ତେ ଏକାନ୍ତ ଚେଷ୍ଟା କର ବୋଲି ପ୍ରେରିତ ପାଉଲ କହିଛନ୍ତି । 28 ପଦରେ ରେ ଦାନଗୁଡ଼ିକୁ ଯଥାକ୍ରମରେ ବୃହତ୍ତମରୁ କ୍ଷୁଦ୍ରତମ କ୍ରମରେ ଉଲ୍ଲେଖ କରାଯାଇଛି,(ପୁଣି ଈଶ୍ୱର ମଣ୍ଡଳୀରେ

ପ୍ରଥମରେ ପ୍ରେରିତ,ଦ୍ବିତୀୟରେ ଭାବବାଦୀ,ତୃତୀୟରେ ଶିକ୍ଷକ,ଏହି ପରି ବିଭିନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତ କରିଅଛନ୍ତି,ପରେ ଶକ୍ତିର କାର୍ଯ୍ୟ,ତତ୍ପରେ ଆରୋଗ୍ୟ କରିବାର ଶକ୍ତି, ପରୋପକାରିତା, ପରିଚାଳନାର କ୍ଷମତା ଓ ବିଭିନ୍ନ ପରଭାଷା ଦାନ କରିଅଛନ୍ତି ।( 1କରିନ୍ଥୀୟ12:28 ) । ପବିତ୍ର ଆତ୍ମାଙ୍କ ଦାନ ଗୁଡ଼ିକର ଶକ୍ତି,ପମେଶ୍ୱରଙ୍କର ବାକ୍ୟର ମୂଳ ଶକ୍ତିରୁ ହିଁ ଆସିଅଛି ଓ ପରମେଶ୍ୱରଙ୍କ ବାକ୍ୟର ସେବା କାର୍ଯ୍ୟରେ ସାକ୍ଷ୍ୟ ରୂପରେ କାର୍ଯ୍ୟ କରୁଅଛି । (ସେ କାହାକାହାକୁ ପ୍ରେରିତ,କାହାକାହାକୁ ଭାବବାଦୀ,କାହାକାହାକୁ ସୁସମାଚାର ପ୍ରଚାରକ,ପୁଣି କାହାକାହାକୁ ପାଳକ ଓ ଶିକ୍ଷକ ନିଯୁକ୍ତ କରି ଦାନ କରି ଅଛନ୍ତି ।ଯେପରି ସାଧୁମାନେ ସେବାକାର୍ଯ୍ୟରେ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀ ନିଷ୍ଠା ପ୍ରାପ୍ତ ହୁଏ ।( ଏଫିସୀୟ 4:11-12) । 1କରିନ୍ଥୀୟ13 ପର୍ବରେ, ପ୍ରେରିତ ପାଉଲ ପ୍ରେମର ମହତ୍ତ୍ୱ ବିଷୟରେ କହନ୍ତି, ପ୍ରେମ ସମସ୍ତ ପବିତ୍ର ଆତ୍ମାର ଦାନ ଠାରୁ ଉତ୍କୃଷ୍ଟ ବୋଲି ସେ ବର୍ଣ୍ଣନା କରୁଅଛନ୍ତି ।ସମସ୍ତ ଦାନ ଥିବ କିନ୍ତୁ ପ୍ରେମ ନ ଥିଲେ କିଛି ଲାଭ ନାହିଁ ।ଅନ୍ୟ ଦାନ ଗୁଡ଼ିକର ଶେଷ କିଅବା ଲୋପ ହୋଇପାରେ, କିନ୍ତୁ ପ୍ରେମ କେବେ ଶେଷ ହୁଏ ନାହିଁ ।

ପ୍ରେମ କଦାପି ଶେଷ ହୁଏ ନାହିଁ,କିନ୍ତୁ ଯଦି ଭାବବାଣୀ ଥାଏ,ତାହା ଲୋପ ହେବ,ଯଦି ପରଭାଷା ଥାଏ,ସେସବୁ ନିବୃତ ହେବ, ଯଦି ଜ୍ଞାନ ଥାଏ ତାହା ଲୋପ ହେବ ।(1କରିନ୍ତୀୟ 13: 8) । (ଅତଏବ, ବିଶ୍ୱାସ,ଭରସା,ପ୍ରେମ, ଏହି ତିନି ସ୍ଥାୟୀ ଅଟେ,ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ।(1କରିନ୍ଥୀୟ !3:13 ) । 1କରିନ୍ଥୀୟ 14 ପର୍ବରେ ପରଭାଷା ବିଷୟରେ ଉଲ୍ଲେଖ ଅଛି । ଯେପରି କରିନ୍ଥୀୟ ମଣ୍ଡଳୀରେ ପରଭାଷାର ବ୍ୟବହାର ବାକ୍ୟ ଅନୁସାରେ କରାଯାଇ ନ ଥିଲା,ସେହି ପରି ଆଜିକାଲିର ଅନେକ ମଣ୍ଡଳୀରେ ମଧ୍ୟ ପରଭାଷାର ବ୍ୟବହାର ବାକ୍ୟ ଅନୁସାରେ ନ କରିବାର ଆମ୍ଭମାନେ ଦେଖି ପାରୁଅଛୁ । ପରଭାଷା ବିଷୟରେ ଅଧିକ ଜାଣିବା ନିମନ୍ତେ ଓ ମଣ୍ଡଳୀରେ ପରଭାଷାର ବ୍ୟବହାର ବାକ୍ୟ ଅନୁସାରେ କରିବା ନିମନ୍ତେ 1କରିନ୍ଥୀୟ 14 ପର୍ବ ,ପ୍ରାର୍ଥନା ସହ ଭଲ ଭାବରେ ଅଧ୍ୟୟନ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ ।ପବିତ୍ର ଆତ୍ମାଙ୍କ ଦାନ ତାଲିକାରେ ପରଭାଷାର ସ୍ଥାନ ଶେଷରେ ଅଛି । (ମୁଁ ତୁମ୍ଭ ସମସ୍ତଙ୍କ ଅପେକ୍ଷା ଅଧିକରୂପେ ପରଭାଷାରେ କଥା କହେ ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛି,ତଥାପି ଯେପରି ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେଇପାରେ,ସେଥିପାଇଁ ମଣ୍ଡଳୀରେ ପରଭାଷାରେ ଦଶ ହଜାର କଥା କହିବା ଅପେକ୍ଷା ବରଂ ବୁଦ୍ଧି ସହିତ ପାଞ୍ଚୋଟି କଥା କହିବାକୁ ଭଲ ପାଏ । ( 1କରିନ୍ଥୀୟ 14:18-19) ।ପ୍ରେରିତଙ୍କ ସମୟରେ ବୃହତ୍ତମ ଓ କ୍ଷୁଦ୍ରତମ

ଉଭୟ ଦାନ ନିହିତ ଥିଲା ,କିନ୍ତୁ ଆଜିକାଲି ବହୁତ କମ୍ ଦେଖାଯାଉଛି ,କାରଣ ଅଧିକାଂଶ ଲୋକ ଭୂଲ ଶିକ୍ଷାର ଶିକାର ହୋଇ ଦାନ ଗୁଡ଼ିକରୁ ନିଜକୁ ବଞ୍ଚିତ କରୁଅଛନ୍ତି । କିନ୍ତୁ ସମସ୍ତେ ପରିତ୍ରାଣ ପାଇବା ନିମନ୍ତେ ବୃହତ୍ତମ ଦାନ ଗୁଡ଼ିକ ନିତାନ୍ତ ଦରକାର । ମନେ ରଖନ୍ତୁ,ପବିତ୍ର ଆତ୍ମାଙ୍କ ଦାନ ଗୁଡ଼ିକୁ ବାକ୍ୟ ଅନୁସାରେ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯଥା:- 1.ବୃହତ୍ତମ ଦାନ ଓ 2.କ୍ଷୁଦ୍ରତମ ଦାନ । ବୁଦ୍ଧିର ବାକ୍ୟ,ଜ୍ଞାନର ବାକ୍ୟ ପ୍ରେମ,ଭରସା, ବିଶ୍ୱାସ ଇତ୍ୟାଦି ବୃହତ୍ତମ ଦାନ ସମସ୍ତର ଅନ୍ତର୍ଭୁକ୍ତ ଓ ଅନ୍ୟ ସମସ୍ତ ଦାନ ଗୁଡ଼ିକ କ୍ଷୁଦ୍ରତମ ଦାନର ଅନ୍ତର୍ଭୁକ୍ତ

## ପବିତ୍ର ଆତ୍ମାଙ୍କ ଦାନ ସକଳର ଉଦ୍ଦେଶ୍ୟ ।

ଶକ୍ତିର କାର୍ଯ୍ୟ କରୁଥିବା ଦାନସକଳର ଉଦ୍ଦେଶ୍ୟ ବିଷୟରେ ଈଶ୍ୱରଙ୍କ ବାକ୍ୟ ବାଇବଲ ସ୍ୱଷ୍ଟ ବର୍ଣ୍ଣନା କରେ,(କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ପ୍ରଚାର କଲେ,ଆଉ ପ୍ରଭୁ ସେମାନଙ୍କର ସହକର୍ମୀ ହୋଇ ଅନୁବର୍ତ୍ତି ଚିହ୍ନ ଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ ।(ମାର୍କ 16:20) ।ପରମେଶ୍ୱରଙ୍କ ବାକ୍ୟରେ ଥିବା ମହାଶକ୍ତିକୁ ପ୍ରମାଣସିଦ୍ଧ କରିବା ହିଁ, ଅନୁବର୍ତ୍ତି ଚିହ୍ନ ଓ ଆଶ୍ଚର୍ଯ୍ୟ କାର୍ଯ୍ୟ ଗୁଡ଼ିର ମୁଖ୍ୟ ଉଦ୍ଦେଶ୍ୟ ଅଟେ । କାରଣ ପରମେଶ୍ୱର ଆପଣା ମହାନାମର ଗୌରବ ନିମନ୍ତେ ଆପଣା ବାକ୍ୟର ଶକ୍ତିରେ ଚିହ୍ନ ଓ ଚମତ୍କାର କରନ୍ତି । ଅନୁବର୍ତ୍ତି ଚିହ୍ନ ଓ ଚମତ୍କାରର ଏନ୍ୟ

ଏକ ମୂଖ୍ୟ ଉଦ୍ଦେଶ୍ୟ ଅଛି, ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱର ମନୁଷ୍ୟ ନିକଟରେ ଆପଣାର ଶକ୍ତିର ପ୍ରକାଶ କରିବା ଉଦ୍ଦେଶ୍ୟରେ ଚିହ୍ନ ଓ ଚମତ୍କାର କରନ୍ତି, ଯାହା ଦ୍ୱାରା ମନୁଷ୍ୟ ସର୍ବଶକ୍ତିମାନ ପରମେଶ୍ୱରଙ୍କ ପ୍ରତି ଜ୍ଞାନ ପ୍ରାପ୍ତ ହେବ ଓ ତାହାଙ୍କ ଠାରେ ବିଶ୍ୱାସ କରିବ । (ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏପରି ଅନେକ ଓ ବିଭିନ୍ନ ପ୍ରକାରର ଆଶ୍ଚର୍ଯ୍ୟକର୍ମ ସାଧନ କଲେ (ବାଇବଲରେ) ,ସେହି ସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ,ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ,ଏଥି ନିମନ୍ତେ ଏସମସ୍ତ ଲେଖାଯାଇଅଛି ।(ଯୋହନ20:30-31) ।ଯେତେବେଳେ ଆମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱର ପ୍ରକାଶିତ ବାକ୍ୟ ନାମକ ପୁସ୍ତକ ସହିତ ମନୁଷ୍ୟକୁ ଆପଣା ଶକ୍ତିଯୁକ୍ତ ବାକ୍ୟ ପ୍ରଦାନ କଲେ,ସେତେବେଳେ ସେ ଆପଣା ପ୍ରତି ସମସ୍ତ ରହସ୍ୟ ବିଷୟ ଓ ଗଭିର ତଥା ଗୁପ୍ତ ଜ୍ଞାନର ପ୍ରକାଶିତ ବାକ୍ୟ ଅର୍ଥାତ୍ ସମସ୍ତ ଭାବବାଣୀ ଦେଲେ, ତାହା ସହିତ ମନୁଷ୍ୟ ନିକଟରେ ଆପଣା ପ୍ରତି ପ୍ରକାଶିତ ବାକ୍ୟର ସଂପୂର୍ଣ୍ଣ କଲେ, ବର୍ତ୍ତମାନ ପ୍ରକାଶ କରିବାର ଅନ୍ୟ କୌଣସି ଭାବବାଣୀ ଅବଶିଷ୍ଟ ନାହିଁ ।ସଦାପ୍ରଭୁ

ପରମେଶ୍ୱର ଆପଣା ପ୍ରଦତ୍ତ ଭାବବଣୀରେ ଅନ୍ୟ କୌଣସି ଭାବବାଣୀ ଯୋଗ କିମ୍ବା ଲୋପ ନ କରିବା ନିମନ୍ତେ ଦୃଢ଼ ଆଦେଶ ଦେଇଅଛନ୍ତି ।(ଯେଉଁମାନେ ଏହି ପୁସ୍ତକର (ବାଇବଲର) ଭାବବାଣୀସବୁ ଶ୍ରବଣ କରନ୍ତି,ସେମାନଙ୍କର ପ୍ରତ୍ୟେକ ଜଣକୁ ମୁଁ ସାକ୍ଷ୍ୟ ଦେଇ କହୁଅଛି,କେହି ଯଦି ଏହି ଭାବବାଣୀ ସହିତ ଅନ୍ୟ କୌଣସି ଭାବବାଣୀ ଯୋଗ କରେ ତେବେ ,ଏହି ପୁସ୍ତକରେ (ବାଇବଲରେ) ଲିଖିତ କ୍ଳେଶଗୁଡ଼ିକ ଈଶ୍ୱର ତାହା ପ୍ରତି ଘଟାଇବେ । ପୁଣି କେହି ଯଦି ଏହି ଭାବବାଣୀ ପୁସ୍ତକର କୌଣସି ବିଷୟ ଲୋପ କରେ,ତେବେ ଈଶ୍ୱର ,ଏହି ପୁସ୍ତକରେ ଲିଖିତ ଜୀବନ ବୃକ୍ଷର ଓ ପବତ୍ର ନଗରୀରେ ତାହାର ଅଂଶ ଲୋପ କରିବେ ।(ପ୍ରକାଶିତ ବାକ୍ୟ 22:18-19) । ଆସନ୍ତୁ ବାଇବଲରେ ଲିଖିତ,ଆମ୍ଭମାନଙ୍କ ଉଦ୍ଧାରକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସାଧିତ ଚିହ୍ନ ଓ ଚମତ୍କାର ଗୁଡ଼ିକ ବିଷୟରେ ଅଧ୍ୟୟନ କରିବା । ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଦ୍ୱାରା ସାଧିତ ସମସ୍ତ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମରେ ପିତାଙ୍କ ନାମ ମହିମାନ୍ୱିତ କଲେ ଓ ସମସ୍ତ ଗୌରବ ପିତା ପରମେଶ୍ୱରଙ୍କୁ ଦେଲେ,ସେ ଲୋକମାନଙ୍କର ସମସ୍ତ ପ୍ରକାର ରୋଗରୁ ସୁସ୍ଥତା ପ୍ରଦାନ କରି, ସମସ୍ତ ଦୁର୍ବଳତା ଦୂର କରି,ପିତା ପରମେଶ୍ୱରଙ୍କର

ପ୍ରେମ ପ୍ରକାଶ କଲେ । ଯୀଶୁଙ୍କ କୃତ ସମସ୍ତ ଆଶ୍ଚର୍ଯ୍ୟକର୍ମରୁ ,ସେ ଈଶ୍ୱରଙ୍କ ପୁତ୍ର ଓ ଈଶ୍ୱର ତାହାଙ୍କଂଠାରେ ଅଛନ୍ତି ବୋଲି ପ୍ରମାଣିତ ହେଲା ।ବାସ୍ତବରେ ଏହା ନିରାଟ ସତ୍ୟ ଯେ, କେବଳ ସର୍ବଶକ୍ତିମାନ ସଦାପ୍ରଭୁ ପରମେଶ୍ୟରଙ୍କ ବାକ୍ୟର ଶକ୍ତି ଦ୍ୱାରା ହିଁ ସମସ୍ତ ପ୍ରକାର ଆଶ୍ଚର୍ଯ୍ୟକର୍ମ ସମ୍ଭବ ହୁଏ ।ଯେପରି ପ୍ରେରିତ ଶିଷ୍ୟ ଯୋହନ ଲେଖନ୍ତି,(ଆଦ୍ୟରେ ବାକ୍ୟ ଥିଲେ, ସେହି ବାକ୍ୟ ଈଶ୍ୱରଙ୍କ ସହିତ ଥିଲେ,ସେହି ବାକ୍ୟ ଈଶ୍ୱର ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲେ,ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦାଖିଲୁ ।(ଯୋହନ1:1,14 ) ।ଯୀଶୁଙ୍କ କୃତ ଆଶ୍ଚର୍ଯ୍ୟକର୍ମ ସକଳ,ସେ ଯେ ଜୀବନ୍ତ ବାକ୍ୟଓ ସମଗ୍ର ଜଗତର ରକ୍ଷକ,ତାହା ପ୍ରମାଣିକ କରେ । କାରଣ ବାକ୍ୟର ଶକ୍ତି ଦ୍ୱାରା ହିଁ ଶକ୍ତିର କାର୍ଯ୍ୟ ସାଧିତ ହୁଏ ।ଶକ୍ତିର କାର୍ଯ୍ୟ ସାଧକ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନ୍ୟ ନାମ ପରମେଶ୍ୱରଙ୍କ ବାକ୍ୟ ଅଟେ ।(ସେ ରକ୍ତନିମଜ୍ଜିତ ବସ୍ତ୍ର ପରିହିତ,ପୁଣି ତାହାଙ୍କ ନାମ ଈଶ୍ୱରଙ୍କ ବାକ୍ୟ ।(ପ୍ରକାଶିତ ବାକ୍ୟ 19:13) ।ମନୁଷ୍ୟର ରୂପ ଧାରଣ କରି ଯୀଶୁ ଯେତେବେଳେ ଜଗତରେ ସେବା କରୁଥିଲେ,ସେତେବେଳେ ତାହାଙ୍କ

ଦ୍ୱାରା କୃତ ଆଶ୍ଚର୍ଯ୍ୟକର୍ମ ଗୁଡ଼ିକ ତାହାଙ୍କର ପ୍ରଚାର ଶୁଣିବାକୁ ଲୋକମାନଙ୍କୁ ଆକର୍ଷଣ କରୁଥିଲା ।ଶୁଣାଯାଇଥିବା ବାକ୍ୟ ଉପରେ ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କ କର୍ତ୍ତବ୍ୟ,କାରଣ ବାକ୍ୟରୁ ହିଁ ସମସ୍ତ ପ୍ରକାର ଆଶ୍ଚର୍ଯ୍ୟକର୍ମ ଆସିଅଛି ।(ଅତଏବ ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ୍ ନୋହିଲେ କାଳେ ଆମ୍ଭେମାନେ ଲକ୍ଷ ଭ୍ରଷ୍ଟ ହେବୁ ।କାରଣ ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଯଦି ଅଟଳ ହୋଇ ରହିଲା ,ପୁଣି ପ୍ରତ୍ୟେକ ଆଜ୍ଞାଲଂଘନ ଓ ଅବାଧ୍ୟତା ଯଥାର୍ଥ ପ୍ରତିଶୋଧ ପାଇଲା, ତେବେ ଏପରି ମହାପରିତ୍ରାଣ ଅବହେଳା କଲେ ଆମ୍ଭେମାନେ କିପରି ରକ୍ଷା ପାଇବା ? ତାହା ତ ପ୍ରଥମରେ ପ୍ରଭୁଙ୍କ ଦ୍ୱାରା କଥିତ ହୋଇ ଶ୍ରବଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରମାଣସିଦ୍ଧ ହେଲେ । ସେ ସମ୍ବନ୍ଧରେ ଈଶ୍ୱର ମଧ୍ୟ ନିଜ ଇଚ୍ଛାଅନୁସାରେ ନାନା ଚିହ୍ନ ଓ ଅଦ୍ଭୁତ କର୍ମ ପୁଣ ବିଭିନ୍ନ ଶକ୍ତିର କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଅନ୍ୟାନ ଦାନ ଦ୍ୱାରା ସାକ୍ଷ୍ୟ ଦେଇଅଛନ୍ତି ।(ଏବ୍ରୀ12:1-4 )। ବର୍ତ୍ତମାନ ବାଇବଲର ପ୍ରକାଶିତ ବାକ୍ୟ ବା ଭାବବାଣୀ ସଂପୂର୍ଣ୍ଣ ହେଲା ,କାରଣ ସମସ୍ତ ପ୍ରକାର ଭାବବାଣୀ ପରମେଶ୍ୱର ଆପଣା ବାକ୍ୟରେ ଆମ୍ଭମାନଙ୍କୁ ପ୍ରଦାନ କରିଅଛନ୍ତି

।ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟ ବାଇବଲ ସଂପୂର୍ଣ୍ଣ ହୃଦୟର ସହିତ ଅଧ୍ୟୟନ କରିବା ଉଚିତ୍, ପଢ଼ିବା ଉଚିତ୍,ଶିଖିବା ଉଚିତ୍ ଓ ବିଶ୍ୱାସ କରିବା ଉଚିତ୍, କାରଣ ବାକ୍ୟରେ ଆମ୍ଭମାନଙ୍କ ପ୍ରିୟ ପ୍ରଭୁଙ୍କର ଆମ୍ଭମାନଙ୍କ ପ୍ରତି ଅନନ୍ତ ଜୀବନ ସହିତ ସମସ୍ତ ପ୍ରକାର ଆଶିର୍ବାଦର ଯୋଜନା ନିହିତ ଅଛି ।ସମସ୍ତ ପ୍ରକାର ଚିହ୍ନ ଓ ଅଦ୍ଭୁତ କର୍ମ ପରମେଶ୍ୱରଙ୍କ ବାକ୍ୟ ଠାରୁ ହିଁ ଆଗତ ହୋଇଅଛି ।ସମସ୍ତ ଆଶିର୍ବାଦର ଆକର,ସମସ୍ତ ଦାନର ମୂଳଧାର, ପରମେଶ୍ୱରଙ୍କର ବାକ୍ୟ ବର୍ତ୍ତମାନ ଆମ୍ଭମାନଙ୍କ ହୃଦୟରେ ଅଛି । (କିନ୍ତୁ ତାହା କଅଣ କହେ ?ବାକ୍ୟ ତୁମ୍ଭର ନିକଟବର୍ତ୍ତୀ,ତୁମ୍ଭ ମୁଖରେ ଓ ତୁମ୍ଭ ହୃଦୟରେ ଅଛି ,ଅର୍ଥାତ୍ ଯେଉଁ ବିଶ୍ୱାସ ସମ୍ବନ୍ଧୀୟ ଆମ୍ଭେମାନେ ପ୍ରଚାର କରୁ ,ସେହି ବାକ୍ୟ । (ରୋମୀୟ10:8) ।

## ଉକ୍ତ ଆଶ୍ଚର୍ଯ୍ୟ କର୍ମ ସକଳର ଉଦ୍ଦେଶ୍ୟ

ଆମ୍ଭମାନଙ୍କର ପରମେଶ୍ୱର ସର୍ବଶକ୍ତିମାନ ଓ ପରାକ୍ରମଶାଳୀ ପରମେଶ୍ୱର ଅଟନ୍ତି ।ତାହାଙ୍କଠାରେ ଅସମ୍ଭବ କିଛି ନାହିଁ। ସେ ମହାନ୍, ଅନନୁସନ୍ଧେୟ ଓ ଅସଂଖ୍ୟ ଆଶ୍ଚର୍ଯ୍ୟ କର୍ମ କରନ୍ତି ।(ଆୟୁବ 5:9) । ସେ ଯାହା ଚାହାଁନ୍ତି, ତାହା କରନ୍ତି, କୌଣସି ବ୍ୟକ୍ତି କିମ୍ବା ଶକ୍ତି ତାହାଙ୍କର

ପ୍ରତିବାଧା କରିପାରେ ନାହିଁ ।(ମୁଁ ଜାଣେ ଯେ, ତୁମ୍ଭେ ସବୁ କରିପାର ଓ ତୁମ୍ଭର କୌଣସି ସଂକଳ୍ପ ନିବାରଣ କରାଯାଇ ନ ପାରେ ।) (ଆୟୁବ 42:2) । ପରମେଶ୍ୱର କିପରି  ସମସ୍ତ ପ୍ରକାର ଆଶ୍ଚର୍ଯ୍ୟ କର୍ମ କରନ୍ତି ?ପରମେଶ୍ୱର ଆପଣା ବାକ୍ୟ ଦ୍ୱାରା ଓ ଆପଣା ଆତ୍ମାଙ୍କ ଦ୍ୱାରା  ସମସ୍ତ ପ୍ରକାର ଆଶ୍ଚର୍ଯ୍ୟ କର୍ମ କରନ୍ତି ।ପରମେଶ୍ୱର ସମସ୍ତ ପ୍ରକାର ଆଶ୍ଚର୍ଯ୍ୟ କର୍ମ କରିବାର ମୂଖ୍ୟ ଉଦ୍ଦେଶ୍ୟ କଅଣ ?ପରମେଶ୍ୱର ସମସ୍ତ ପ୍ରକାର ଆଶ୍ଚର୍ଯ୍ୟ କର୍ମ କରିବାର ଦୁଇଟି ମୂଖ୍ୟ ଉଦ୍ଦେଶ୍ୟ ଅଛି ,ଯଥା:-1.ନିଜର ଗୌରବ ପ୍ରକାଶ କରିବା ନିମନ୍ତେ ଓ 2.ମନୁଷ୍ୟ ତାହା ଦେଖି ତାହାଙ୍କଠାରେ ବିଶ୍ୱାସ କରି ଅନନ୍ତ ଜୀବନ ପାଇବା ନିମନ୍ତେ ।ଅନ୍ୟ ପକ୍ଷରେ, ଦୁଷ୍ଟ ଶୟତାନ ପରମେଶ୍ୱରଙ୍କ ପବିତ୍ର ଓ ସତ୍ୟ ବାକ୍ୟର ବିରୁଦ୍ଧରେ ଉଠି, ମନୁଷ୍ୟକୁ  ଭଣ୍ଡ ଶିକ୍ଷା ଓ ଭଣ୍ଡ ଆଶ୍ଚର୍ଯ୍ୟ କର୍ମ ଦ୍ୱାରା ପଥ ଭ୍ରଷ୍ଟ କରିବାକୁ ଆଦ୍ୟରୁ ଚେଷ୍ଟା କରିଆସୁଅଛି ।ଯୀଶୁ ଶୟତାନର ବିଷୟରେ କହିଛନ୍ତି,(ତୁମ୍ଭେମାନେ ତୁମ୍ଭମାନଙ୍କ ପିତା ଶୟତାନଠାରୁ ଉତ୍ପନ୍ନ,ଆଉ ତୁମ୍ଭମାନଙ୍କ ପିତାର କାମନା ସାଧନ କରିବା ତୁମ୍ଭମାନଙ୍କ ଇଚ୍ଛା,ସେ ଆଦ୍ୟରୁ ପ୍ରବଞ୍ଚକ ଓ ସେ ସତ୍ୟରେ ରହେ ନାହିଁ,କାରଣ ତାହାଠାରେ ସତ୍ୟ ନାହିଁ ।ଯେତେବେଳେ ସେ ମିଥ୍ୟା କହେ,ସେତେବେଳେ ସେ ନିଜଠାରୁ

କହେ,କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାବାଦୀର ପିତା ।)ସେ ଆଦ୍ୟରୁ ଭଣ୍ଡ ଚିହ୍ନ ଓ ଅଦ୍ଭୁତ କର୍ମ ଦ୍ୱାରା ଲୋକଙ୍କୁ ଭ୍ରାନ୍ତ କରି ଆସୁଅଛି । (କାରଣ ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀମାନେ ଉଠି ଏ ପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ,ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ମଧ୍ୟ ଭ୍ରାନ୍ତ କରିବେ ।ପ୍ରେରିତ ପାଉଲ ଶୟତାନର ବିଷୟରେ ଲେଖନ୍ତି,(ଯେଉଁ ଆତ୍ମା ଏବେହେଁ ଅନାଜ୍ଞାବହ ସନ୍ତାନମାନଙ୍କଂଠାରେ କାର୍ଯ୍ୟ ସାଧନ କରୁଅଛି,ତାହାର ଇଚ୍ଛାଅନୁସାରେ ତୁମ୍ଭେମାନେ ମଧ୍ୟ ପୂର୍ବରେ ଆଚରଣ କରି ଏପରାଧ ଓ ପାପରେ ମୃତ ଥିଲ ।(ଏଫିସୀୟ2:2) ।(ଶେଷ କଥା ଏହି,ପ୍ରଭୁଙ୍କଂଠାରୁ ଶକ୍ତି ପ୍ରାପ୍ତ ହୋଇ ତାହାଙ୍କ ପରାକ୍ରମରେ ବଳବାନ ହୁଅ, ତୁମ୍ଭେମାନେ ଯେପରି ଶୟତାନର ସମସ୍ତ ଚାତୁରୀ ବିରୁଦ୍ଧରେ ଦଣ୍ଡାୟମାନ ହୋଇପାର, ଏଥିନିମନ୍ତେ ଈଶ୍ୱର ଦତ୍ତ ସମସ୍ତ ସଜ୍ଜାରେ ଆପଣାକୁ ସୁସଜ୍ଜିତ କର ।(ଏଫିସୀୟ6:10-11) । ଆହୁରି ମଧ୍ୟ ପ୍ରେରିତ ପାଉଲ ଶୟତାନକୁ ଅଧର୍ମ ପୁରୁଷ ବୋଲି କହିଛନ୍ତି,(ଶୟତାନର ଶକ୍ତି ଅନୁସାରେ ସମସ୍ତ ପ୍ରକାର ମିଥ୍ୟା ଶକ୍ତି,ଚିହ୍ନ ଓ ଅଦ୍ଭୁତ କର୍ମ ,ପୁଣି ବିନାଶପାତ୍ରମାନଙ୍କ ନିକଟରେ ସମସ୍ତ ପ୍ରକାର ଅଧର୍ମର ଛଳନା ସହକାରେ ସେହି ଅଧର୍ମ ପୁରୁଷର ଆଗମନ

ହେବ,କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହି ନାହାନ୍ତି ।(2ଥେସଲନୀକୀୟ2:9-10) ।ଶୟତାନ ହିଁ ସମସ୍ତ ପ୍ରକାର ମିଥ୍ୟା ଚିହ୍ନ ଓ ଅଦ୍ଭୁତ କର୍ମର ପିତା ।କିନ୍ତୁ ଆମ୍ଭେମାନେ ସର୍ବଦା ସତ୍ୟ ବାକ୍ୟରେ ସ୍ଥିର ହୋଇ ରହିଅଛୁ ।(ମାତ୍ର ଆମ୍ଭେମାନେ ଲଜ୍ଜାଜନକ ଗୁପ୍ତ ବିଷୟସବୁ ପରିତ୍ୟାଗ କରିଅଛୁ,ଏଣୁ ଆମ୍ଭେମାନେ ଧୂର୍ତ୍ତତାରେ ଆଚରଣ କରୁ ନାହୁଁ, କିଅବା ଈଶ୍ୱରଙ୍କ ବାକ୍ୟ ଛଳରେ ବ୍ୟବହାର କରୁ ନାହୁଁ,କିନ୍ତୁ ସତ୍ୟ ପ୍ରକାଶ ଦ୍ୱାରା ଈଶ୍ୱରଙ୍କ ସାକ୍ଷାତରେ ପ୍ରତ୍ୟେକ ମନୁଷ୍ୟଙ୍କ ବିବେକ ନିକଟରେ ଆପଣା ଆପଣାକୁ ଯୋଗ୍ୟ ଦେଖାଉଅଛୁ ।କାରଣ ଆମ୍ଭେମାନେ ଆପଣା ଆପଣାକୁ ପ୍ରଚାର କରୁ ନାହୁଁ,ମାତ୍ର ଖ୍ରୀଷ୍ଟ ଯୀଶୁ ଯେ ପ୍ରଭୁ,ପୁଣି ଯୀଶୁଙ୍କ ସକାଶେ ଆମ୍ଭେମାନେ ଯେ ତୁମ୍ଭମାନଙ୍କର ସେବକ ଏହା ପ୍ରଚାର କରୁ ।(2କରିନ୍ଥୀୟ4:2,5) ।

## ପବିତ୍ର ଆତ୍ମାଙ୍କ ପ୍ରତ୍ୟେକ ଦାନର ଅଧ୍ୟୟନ

ଆସନ୍ତୁ, ପବିତ୍ର ଆତ୍ମାଙ୍କ ଦାନ ନାମରେ ଶୟତାନ ଦ୍ୱାରା ପରିଚାଳିତ ଭଣ୍ଡ ଆଶ୍ଚର୍ଯ୍ୟ କର୍ମ ଗୁଡ଼ିକୁ ଗୋଟି ଗୋଟି କରି ଅଧ୍ୟୟନ କରିବା । ପ୍ରଥମରେ ପରଭାଷା ସମ୍ବନ୍ଧରେ:- ଆସନ୍ତୁ,ପରଭାଷା ସମ୍ବନ୍ଧରେ ଅଧ୍ୟୟନ

କରିବା,ଯାହାର ନାମରେ ଆଜିକାଲି ଶୟତାନ ବିଶ୍ୱାସୀମାନଙ୍କୁ ଆକ୍ରମଣ କରିବାକୁ ଭଣ୍ଡ ପରଭାଷାକୁ ଅସ୍ତ୍ର ରୂପରେ ବ୍ୟବହାର କରିଆସୁଅଛି । ଯଦି ଜଣେ ବ୍ୟକ୍ତି ,ନିଜକୁ ଅଜଣା ଅନ୍ୟ ଲୋକମାନଙ୍କ ଭାଷା ପବିତ୍ର ଆତ୍ମାଙ୍କ ସାହାର୍ଯ୍ୟରେ କହୁଅଛନ୍ତି,ତେବେ ସେହି ବ୍ୟକ୍ତି ପରଭଷାରେ କହୁଅଛନ୍ତି ବୋଲି ପରମେଶ୍ୱରଙ୍କ ବାକ୍ୟ ବାଇବଲ ବ୍ୟାଖ୍ୟା କରେ ।ପରଭାଷା ବିଷୟରେ ଅଧିକ ଜାଣିବା ନିମନ୍ତେ, ଆସନ୍ତୁ, ବାଇବଲର ସେହି ସ୍ଥାନକୁ ଯିବା,ଯେଉଁ ସ୍ଥାନରେ ସର୍ବପ୍ରଥମେ ଯୀଶୁଙ୍କ ଶିଷ୍ୟମାନେ ପବିତ୍ର ଆତ୍ମାଙ୍କ ସାହାର୍ଯ୍ୟରେ ପରଭାଷା କହିଥିଲେ ।(ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ,ପୁଣି ଆତ୍ମା ଯେପରି ସେମାନଙ୍କୁ କହିବାକୁ ଶକ୍ତି ଦେଲେ,ତଦନୁସାରେ, ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ । ଏହି ସମୟରେ ଆକାଶର ନିମ୍ନସ୍ଥିତ ପ୍ରତ୍ୟେକ ଜାତିରୁ ଆଗତ ହୋଇ ଯିରୁଶାଲେମରେ ବାସ କରୁଥିବା ଭକ୍ତ ଯିହୂଦୀମାନେ ସେ ପାଖରେ ଥିଲେ,ଆଉ ସେହି ଶବ୍ଦ ହୁଅନ୍ତେ, ବହୁ ଜନତା ଏକତ୍ର ହୋଇ ପ୍ରତ୍ୟେକ ଜଣ ଆପଣା ଆପଣା ଭାଷାରେ ସେମାନଙ୍କୁ କଥା କହୁଥିବା ଶୁଣିବାରୁ ହତବୁଦ୍ଧି ହେଲେ ।ପୁଣି, ସେମାନେ ଆଚମ୍ଭିତ ଓ ଚମତ୍କୃତ ହୋଇ କହିବାକୁ ଲାଗିଲେ,ଦେଖ,ଏହି ଯେଉଁ

ଲୋକମାନେ କଥା କହୁଅଛନ୍ତି,ସେମାନେ ସମସ୍ତେ କଅଣ ଗାଲିଲୀୟ ନୁହଁନ୍ତି ? ତେବେ ଆମ୍ଭେମାନେ କିପରି ପ୍ରତ୍ୟେକ ଜଣ ଆପଣା ଜନ୍ମଭୂମିର ଭାଷାରେ କଥା ଶୁଣୁଅଛୁ । ପାର୍ଥୀୟ,ମାଦୀୟଓ ଏଲାମୀୟ,ପୁଣି ମେସପତାମିଆ,ଯିହୂଦା ଦେଶ ଓ କାପାଦକିଆ,ପନ୍ତ ଓ ଆସିଆ ଫ୍ରୁଗିଆ ଓ ପ୍ରଫୁଲିଆ,ମିଶର ଓ କୂରୀଣୀ ନିକଟବର୍ତ୍ତୀ ଲିବିଆ ଅଞ୍ଚଳନିବାସୀ ଏବଂ ରୋମରୁ ଆଗତ ଯିହୂଦୀ ଓ ଯିହୂଦୀ ଧର୍ମାବଲମ୍ବୀ ପ୍ରବାସୀ, ପୁଣି କ୍ରୀତୀୟ ଓ ଆରବୀୟ ଲୋକ ଯେ ଆମ୍ଭେମାନେ ,ଆମ୍ଭେମାନେ ଆପଣା ଆପଣା ଭାଷାରେ ଏମାନଙ୍କୁ ଈଶ୍ୱରଙ୍କ ମହତ୍ ମହତ୍ କର୍ମର କଥା କହିବା ଶୁଣୁଅଛୁ ।ଆଉ, ସମସ୍ତେ ଆଚମ୍ବିତ ଓ ହତବୁଦ୍ଧି ହୋଇ ପରସ୍ପର କହିବାକୁ ଲାଗିଲେ,ଏହାର ଅର୍ଥ କଅଣ ? (ପ୍ରେରିତ 2:4-12) । ପରଭାଷା କିମ୍ବା ଅନ୍ୟଭାଷାର ମୂଖ୍ୟ ବିଷୟ ହେଉଅଛି ,ଜଣେ ବ୍ୟକ୍ତି ପବିତ୍ର ଆତ୍ମାଙ୍କ ଦ୍ୱାରା ପୃଥିବୀର ଅନ୍ୟ ଲୋକମାନଙ୍କ ଭାଷା କହୁଅଛି,ଯେଉଁ ଭାଷା ସେ ନିଜେ ଜାଣି ନାହିଁ ।ଉଦାହରଣ:-ଧରିନିଅନ୍ତୁ,ଆପଣ ଇଂଲିସ୍ ଭାଷା ଜାଣି ନାହାନ୍ତି, କିନ୍ତୁ ହଠାତ୍ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ କରି ଇଂଲିସ୍ କହିବାକୁ ଲାଗିଲେ, ତାହାହେଲେ ଇଂଲିସ୍ ଭାଷା ଆପଣଙ୍କ ନିମନ୍ତେ ପରଭାଷା ଅଥବା ଅନ୍ୟଭାଷା ଅଟେ ।ସାଧାରଣ ଭାବରେ କହିବାକୁ ଗଲେ, ଯଦି

ଜଣେ ବ୍ୟକ୍ତି ନିଜ ମାତୃଭାଷା ଛଡ଼ା ପୃଥିବୀର ଅନ୍ୟ କୌଣସି ଲେକମାନଙ୍କ ଭାଷା କହନ୍ତି ,ତେବେ ସେହି ଭାଷା ତାଙ୍କ ନିମନ୍ତେ ଅନ୍ୟଭାଷା କିମ୍ବା ପରଭାଷା ଅଟେ । ଅନ୍ୟ ଲୋକମାନଙ୍କ ଭାଷା ଅନ୍ୟଭାଷା ଅଥବା ପର ଲେକଙ୍କ ଭାଷା ପରଭାଷା ଅଟେ ।(ବ୍ୟବସ୍ଥାରେ,ପ୍ରଭୁ କହନ୍ତି, ବିଦେଶୀୟ ଭାଷାବାଦୀମାନଙ୍କ ଦ୍ୱାରା ଓ ବିଦେଶୀମାନଙ୍କ ମୁଖ ଦ୍ୱାରା ଆମ୍ଭେ ଏହି ଲୋକମାନଙ୍କ କଥା କହିବା,ତାହାହେଲେ ସୁଦ୍ଧା ସେମାନେ ଆମ୍ଭର କଥା ଶୁଣିବେ ନାହିଁ ।) ( 1କରିନ୍ଥୀୟ14:21) ।(ମାତ୍ର ସେ ବିଦେଶୀୟ ଓଷ୍ଠାଧାର ଓ ପରଭାଷା ଦ୍ୱାରା ଏହି ଲୋକମାନଙ୍କୁ କଥା କହିବେ । (ଯିଶାଇୟ 28:11) ପରଭାଷା ସମ୍ବନ୍ଧରେ କରିନ୍ଥୀୟ ମଣ୍ଡଳୀର ଯେପରି ସ୍ପଷ୍ଟ ଜ୍ଞାନ ନ ଥିଲା,ସେପରି ଆଜିକାଲି ମଧ୍ୟ ଅନେକଲୋକମାନଙ୍କର ପରଭାଷା ସମ୍ବନ୍ଧରେ ସ୍ପଷ୍ଟ ଜ୍ଞାନ ନାହିଁ ।ଆମେ ସମସ୍ତଙ୍କୁ ପ୍ରେମ କରୁ, ସମସ୍ତେ ପରମେଶ୍ୱରଙ୍କ ବାକ୍ୟର ସତ୍ୟ ଜ୍ଞାନ ଲାଭ କରନ୍ତୁ ,ଏହା ଆମ୍ଭମାନଙ୍କର ଇଛା ଓ ଯଥା ସମ୍ଭବ ଚେଷ୍ଟା ମଧ୍ୟ ,ସେହି ଉଦ୍ଦେଶ୍ୟରେ ହିଁ, ଏହି ଛୋଟ ପୁସ୍ତିକା ମାଧ୍ୟମରେ ଆମ୍ଭେମାନେ ସତ୍ୟ ବାକ୍ୟର ଅଧ୍ୟୟନ ନିମନ୍ତେ ଆପଣଙ୍କୁ ଆହ୍ୱାନ କରୁଅଛୁ ।ଆସନ୍ତୁ, ବାଇବଲର ପ୍ରଥମ କରିନ୍ଥୀୟ 14

ପର୍ବରୁ, ପରଭାଷା ସମ୍ବନ୍ଧରେ କିଛି ନିୟମ ଗୁଡ଼ିକର ଅଧ୍ୟୟନ କରିବା :- 1.ପରଭାଷା ଠାରୁ ଭାବବାଣୀ ଶ୍ରେଷ୍ଠ –(1-5)ପଦ । 2.ଜିହ୍ୱା ଦ୍ୱାରା ସହଜବୋଧଗମ୍ୟ ଶବ୍ଦରେ (ବୁଝିବା ଭଳି ଶବ୍ଦରେ) କହିବା ଉଚିତ୍-(6-11) ପଦ ।(ସେହି ପରି ତୁମ୍ଭେମାନେ ମଧ୍ୟ ଯଦି ଜିହ୍ୱା ଦ୍ୱାରା ସହଜ ବୋଧଗମ୍ୟ କଥା ନ କୁହ,ତେବେ କଅଣ କହୁଅଛ,ତାହା କିପରି ଜଣା ଯିବ ?କାରଣ ତୁମ୍ଭେ ଶୂନ୍ୟକୁ କହିବା ପରି ହେବ( 9ପଦ) । 3. ବୁଝିବା ଭାଷାରେ କହିବା ଉଚିତ୍-( 7-8,10-11)। (ଏଣୁ ମୁଁ ଯଦି ସେହି ଶବ୍ଦର ଅର୍ଥ ନ ବୁଝେ,ତେବେ ଯେ କହେ, ମୁଁ ତାହା ପ୍ରତି ବର୍ବର ପରି ହେବି ଓ ସେ ମୋ ନିକଟରେ ବର୍ବର ପରି ହେବ। (11 ପଦ )। 4.ମଣ୍ଡଳୀରେ ପରଭାଷାରେ ଦଶ ହଜାର କଥା କହିବା ଅପେକ୍ଷା ବରଂ ବୁଦ୍ଧିର ସହିତ ପାଞ୍ଚଟି କଥା କହିବା ଭଲ - ( 18-19 ପଦ ) । 5.(ପରଭାଷା ବିଶ୍ୱାସୀମାନଙ୍କର ଚିହ୍ନସ୍ୱରୂପ ନୁହେଁ - ( 22ପଦ ) । 6.ପାଗଳମାନଙ୍କ ପରି ମଣ୍ଡଳୀରେ ସମସ୍ତେ ଏକାଥରେ (ଏକସମୟରେ) ନ କହିବା ଉଚିତ୍ –( ଆହୁରି ମଧ୍ୟ ସମସ୍ତ ମଣ୍ଡଳୀ ଯଦି ସମବେତ ହୁଏ ଓ ସମସ୍ତେ ପରଭାଷାରେ କଥା କହନ୍ତି,ପୁଣି ସାଧାରଣ ବା ଅବିଶ୍ୱାସୀ ଲୋକମାନେ ଆସନ୍ତି,ତାହାହେଲେ ତୁମ୍ଭେମାନେ ପାଗଳ ବୋଲି କଅଣ

ସେମାନେ କହିବେ ନାହିଁ ? ( 23 ପଦ ) । 7.ପାଳି ଅନୁସାରେ କହିବା ଉଚିତ୍- ( ଯଦି କେହି ପରଭାଷାରେ କଥା କହେ,ତେବେ ଦୁଇ କିମ୍ବା ଅଧିକ ହେଲେ ତିନି ଜଣ ପାଳି ଅନୁସାରେ କହନ୍ତୁ, ଆଉ ଜଣେ ଅର୍ଥ କରୁ ।( 27 ପଦ) । 8.ଅର୍ଥକାରକ ନ ଥିଲେ ମଣ୍ଡଳୀରେ ନୀରବ ରହିବା ଉଚିତ୍ –( କିନ୍ତୁ ଯଦି କୌଣସି ଅର୍ଥକାରକ ନ ଥାଏ, ତାହାହେଲେ ମଣ୍ଡଳୀରେ ନିରବ ରହୁ ଓ ନିରୋଳାରେ ଈଶ୍ୱରଙ୍କୁ କହୁ ।( 28 ପଦ । କାରଣ ଈଶ୍ୱର ବିଶୃଙ୍ଖଳାର ପରମେଶ୍ୱର ନୁହନ୍ତି, ମାତ୍ର ଶୃଙ୍ଖଳାର ଓ ଶାନ୍ତିର ଈଶ୍ୱର ଅଟନ୍ତି । (33 ପଦ ) । ପ୍ରଭୁ ପବିତ୍ର ଆତ୍ମା ଆପଣଙ୍କର ସାହାର୍ଯ୍ୟ କରନ୍ତୁ ।

ଦ୍ୱିତୀୟରେ,ଆରୋଗ୍ୟ କରିବାର ଶକ୍ତି ବା ସୁସ୍ଥତା ସମ୍ବନ୍ଧରେ :- ଆମ୍ଭମାନେ ସର୍ବଦା ବିଶ୍ୱାସ କରୁ ଯେ, ପରମେଶ୍ୱର ଆଶ୍ଚର୍ଯ୍ୟ ଭାବରେ ସୁସ୍ଥତା ପ୍ରଦାନ କରି ପାରନ୍ତି । ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ତାହାଙ୍କ ସେବକମାନଙ୍କ ମଧ୍ୟରୁ କେତେକଙ୍କୁ ଆରୋଗ୍ୟ କରିବାର ଶକ୍ତି ନାମକ ଦାନ ଦିଆଯାଇଛି, ତାହାର ଅର୍ଥ ଏହା ନୁହେଁ ଯେ, ସେମାନେ ନିଜ ଇଛା ଅନୁସାରେ ଯେତେବେଳେ ଇଛା ସେତେବେଳେ ଓ ଯାହାକୁ ଇଛା ତାହାକୁ ସୁସ୍ଥ କରି ପାରନ୍ତି ।ଅନ୍ୟମାନଙ୍କ ସୁସ୍ଥତା ନିମନ୍ତେ

ସମସ୍ତେ ବିଶ୍ୱାସର ସହିତ ପ୍ରାର୍ଥନା କରିବା ଉଚିତ୍, କିନ୍ତୁ ପରମେଶ୍ୱର ଆପଣା ସମୟରେ ଓ ଯାହାକୁ ଚାହାନ୍ତି ତାହାକୁ ସୁସ୍ଥ କରନ୍ତି । ପ୍ରାର୍ଥନା କରିବା ମନୁଷ୍ୟର କର୍ତ୍ତବ୍ୟ ଓ ସୁସ୍ଥ କରିବା ପରମେଶ୍ୱରଙ୍କ କାର୍ଯ୍ୟ ।ଅନେକେ ଯାଦୁଟଣା ଦ୍ୱାରା ଓ ଗୁଣିବିଦ୍ୟା ଦ୍ୱାରା ସୁସ୍ଥତାର ଦାବୀ କରନ୍ତି, ତାହା ଶୟତାନର ପ୍ରବଞ୍ଚନା ଛଡ଼ା ଆଉ କିଛି ନୁହଁ ।ତୃତୀୟରେ ସ୍ୱପ୍ନ ଓ ଦର୍ଶନର ସମ୍ବନ୍ଧରେ:- ଏହା ସତ୍ୟ ଓ ଗ୍ରହଣଯୋଗ୍ୟ ଯେ ଆମ୍ଭମାନଙ୍କ ପରମେଶ୍ୱର ସ୍ୱପ୍ନ ଓ ଦର୍ଶନ ଦିଅନ୍ତି, କିନ୍ତୁ ଦେଖାଯାଇ ଥିବା ସ୍ୱପ୍ନ କିମ୍ବା ଦର୍ଶନ ପରମେଶ୍ୱରଙ୍କ ଠାରୁ କି ଶୟତାନ ଠାରୁ ଆପଣ କିପରି ଜାଣିପାରିବେ ? କାରଣ ଶୟତାନ ମଧ୍ୟ ଭଣ୍ଡସ୍ୱପ୍ନ ଓ ଦର୍ଶନ ଦେଖେଇପାରେ । ଦେଖାଯାଇଥିବା ସ୍ୱପ୍ନ କିମ୍ବା ଦର୍ଶନ ପରମେଶ୍ୱରଙ୍କ ବାକ୍ୟ ଅନୁସାରେ କି ନାହିଁ ପରୀକ୍ଷା କରି ଦେଖାଯିବା ଉଚିତ୍ । ବାସ୍ତବରେ ଦେଖିବାକୁ ଗଲେ ଆମ୍ଭମାନଙ୍କୁ ସ୍ୱପ୍ନ ଓ ଦର୍ଶନରେ ଦେଖେଇବା ନିମନ୍ତେ ଅବଶିଷ୍ଟ କିଛି ନାହିଁ, କାରଣ ସେ ଆମ୍ଭମାନଙ୍କୁ ଆପଣା ବାକ୍ୟ ବାଇବଲରେ ପୂର୍ବରୁ ସମସ୍ତ ବିଷୟ ଦେଖେଇସାରିଛନ୍ତି ।ପରମେଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ଯଦି କେହି ଭଣ୍ଡ ଭାବବାଦୀ କିମ୍ବା ଭଣ୍ଡ ସ୍ୱପ୍ନ ଦର୍ଶକ ଅଛନ୍ତି ବୋଲି ଆପଣ ଜାଣନ୍ତି ତେବେ ତାକୁ ବା ସେମାନଙ୍କୁ

ଦ୍ୱିତୀୟ ବିବରଣର 13 ପର୍ବ ନିଶ୍ଚୟ ପଢ଼ିବାକୁ କୁହନ୍ତୁ ।ଚତୁର୍ଥରେ ଭୂତ ଛଡ଼ାଇବା ସମ୍ବନ୍ଧରେ:- ଆପଣା  ସେବାକାର୍ଯ୍ୟରେ ଯୀଶୁ ଅନେକ ଭୂତଗ୍ରସ୍ତ ଲୋକମାନଙ୍କଠାରୁ ଭୂତ ଛଡ଼ାଇଥିଲେ, ସେହି ପରି ଶିଷ୍ୟମାନେ ମଧ୍ୟ ଯୀଶୁଙ୍କ ନାମରେ ଭୂତ ଛଡ଼ାଇଥିବାର ବାଇବଲରେ ଆମ୍ଭମାନେ ପଢୁଅଛୁ ।ଅବଶ୍ୟ ଯୀଶୁଙ୍କ ନାମରେ ତାହାଙ୍କ ସେବକମାନଙ୍କ ସେହି ଅଧିକାର ଦିଆଯାଇଅଛି,ତଥାପି ସେମାନେ ଯୀଶୁଙ୍କନାମରେ ପ୍ରାର୍ଥନା କରନ୍ତି, ଯୀଶୁ ନିଜର ଇଛା ଅନୁସାରେ ଭୂତଗ୍ରସ୍ତ ଲୋକମାନଙ୍କଠାରୁ ଭୂତ ଛଡ଼ାନ୍ତି ।ତା ଦ୍ୱାରା ଭୂତଗ୍ରସ୍ତ ଲୋକ ଯୀଶୁଙ୍କଠାରେ ବିଶ୍ୱାସକରୁ ଓ ପରିତ୍ରାଣ ପ୍ରାପ୍ତ ହେଉ ,ଏହା ପରମେଶ୍ୟରଙ୍କ ଇଛା ଅଟେ । କେହି କେହି ଭାବନ୍ତି ଯେ,ସେମାନେ ପରମେଶ୍ୱରଙ୍କଠାରୁ ପବିତ୍ର ଆତ୍ମାଙ୍କ ଦାନ ପାଇଛନ୍ତି,ସେମାନେ ଆଶ୍ଚର୍ଯ୍ୟ କର୍ମ କରିପାରିବେ,ସେମାନେ ଦୟାକରି ନିମ୍ନଲିଖୀତ ବାକ୍ୟ ପଢ଼ନ୍ତୁ,(ମୋତେ ପ୍ରଭୁ ପ୍ରଭୁ ବୋଲି ଡ଼ାକନ୍ତି,ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ,ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଛା ସାଧନ କରେ,ସେ ପ୍ରବେଶ କରିବ ।ସେ ଦିନ ଅନେକେ ମୋତେ କହିବେ,ହେ ପ୍ରଭୁ, ହେ ପ୍ରଭୁ,ଆମ୍ଭେମାନେ କି ତୁମ୍ଭନାମରେ ଭାବବାଣୀ କହିଲୁ ନାହିଁ ?ପୁଣି, ତୁମ୍ଭନାମରେ କି

ଭୂତମାନଙ୍କୁ ଛଡ଼ାଇଲୁ ନାହିଁ ?ଆଉ ତୁମ୍ଭନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁନାହିଁ ?ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି,ମୁଁ ତୁମ୍ଭମାନଙ୍କୁ କେବେହେଁ ଜାଣିନାହିଁ, ହେ ଅଧର୍ମାଚାରୀମାନେ,ମୋ ପାଖରୁ ଦୂର ହୁଅ ।ପ୍ରିୟ ଭାଇ ପରମେଶ୍ୱରଙ୍କ ଇଛା ତାହାଙ୍କ ବାକ୍ୟ ଅଟେ,ତାହାଙ୍କ ବାକ୍ୟ ଅନୁସାରେ ନ ଚାଲିବା ଲୋକର ଦଶା ଏ ପ୍ରକାର ହୁଏ ।

ଆପଣ ପବିତ୍ର ଆତ୍ମାଙ୍କ ଦାନ ପାଇଥିବେ,ତାହାର ଅର୍ଥ ନୁହେଁ, ଯେ ଆପଣ ନିଜ ଇଛାରେ ଆଶ୍ଚର୍ଯ୍ୟ କର୍ମ କରିବେ,କାରଣ ପରମେଶ୍ୱରଙ୍କ ବାକ୍ୟ ବାଇବଲ କୁହେ,(ଅନୁଗ୍ରହ ଦାନ ବିଭିନ୍ନ ପ୍ରକାର,କିନ୍ତୁ ଆତ୍ମା ଏକ,ସେବା ବିଭନ୍ନ ପ୍ରକାର,ଆଉ ପ୍ରଭୁ ଏକ ,କାର୍ଯ୍ୟ ବିଭିନ୍ନ ପ୍ରକାର,କିନ୍ତୁ ଈଶ୍ୱର ଏକ,ସେ ସମସ୍ତଙ୍କ ଠାରେ ସମସ୍ତ ସାଧନ କରନ୍ତି ।(ପ୍ରଥମ କରିନ୍ଥୀୟ ବାର ପର୍ବ ଚାରି ପଦ ଠାରୁ ଛ ପଦ ପର୍ଯ୍ୟନ୍ତ) । ମନୁଷ୍ୟ ସାଧନ କରେ ନାହିଁ, ଈଶ୍ୱର ସାଧନ କରନ୍ତି ବୋଲି ବାଇବଲ ସ୍ପଷ୍ଟ ରୂପରେ ବ୍ୟାଖ୍ୟା କରୁଅଛି ।ପ୍ରିୟ ପାଠକ ଭାଇ, ଆଶ୍ଚର୍ଯ୍ୟ କର୍ମର ଅର୍ଥ କଅଣ ? ମନୁଷ୍ୟ ଦ୍ୱାରା ଅସମ୍ଭବ କର୍ମ, ତା ପାଇଁ ପରମେଶ୍ୱର କରନ୍ତି, ତାହାକୁ ଆଶ୍ଚର୍ଯ୍ୟ କର୍ମ କୁହାଯାଏ । କିପରି କରନ୍ତି ? ଆପଣା ବାକ୍ୟ ଓ ଆତ୍ମା

ଦ୍ୱାରା । ଏ ପ୍ରକାର କରିବାର ଉଦ୍ଦେଶ୍ୟ କଅଣ ? ମଣିଷ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରୁ ଓ ମୁକ୍ତିଦାତା ଆମ୍ଭମାନଙ୍କ ତ୍ରାଣକାରୀ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଅନନ୍ତ ଜୀବନ ଲାଭ କରୁ, ଏହି ଉଦ୍ଦେଶ୍ୟରେ ହିଁ ସର୍ବଶକ୍ତିମାନ ପରମେଶ୍ୱର ସମସ୍ତ ପ୍ରକାର ଆଶ୍ଚର୍ଯ୍ୟ କର୍ମ କରନ୍ତି ।ସମସ୍ତ ଗୌରବ, ସଂଭ୍ରମ, ପ୍ରଶଂସା, ପରାକ୍ରମ, ମହିମା ଓ କର୍ତ୍ତାପଣ ଯୁଗେ ଯୁଗେ ତାହାଙ୍କର । ଆମେନ୍ ।

ଆପଣଙ୍କ ପ୍ରଶ୍ନ,ସନ୍ଦେହ କିମ୍ବା ପରାମର୍ଶ

ନିମନ୍ତେ ଦୟାକରି ଯୋଗାଯୋଗ କରନ୍ତୁ:

-91-9445614044,

91-9444959658,

044-27430044